**ମଦ ବ୍ୟବସାୟୀ ଗିରଫ**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ଗାନ୍ଧି ଛକ ନିକଟରେ ରହୁଥିବା ମନୋଜ କୁମାର କେଶରୀ ନାମକ ଜଣେ ମଦ ବ୍ୟବସାୟୀଙ୍କୁ ମଙ୍ଗଳବାର ଯୋଡ଼ା ପୋଲିସ କୋର୍ଟଚାଲାଣ କରିଛି। ସୋମବାର ଅପରାହ୍ନରେ ମନୋଜ କେଶରୀଙ୍କ ହୋଟେଲରେ ଚଢ଼ାଉ ବେଳେ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଥିଲା। ମନୋଜ ହୋଟେଲରେ ଉପସ୍ଥିତ ନ ଥିବା ବେଳେ ତାଙ୍କୁ ଯୋଡ଼ା ସୁପର ମାର୍କେଟରୁ ପୋଲିସ ଗିରଫ କରିଥିଲା।

# ମତ୍ସ୍ୟଜୀବୀଙ୍କ ସମସ୍ୟା ବୁଝିଲେ

**କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ମନ୍ତ୍ରୀଙ୍କ ଗସ୍ତ**

- ଶୁଖୁଆ ଖଳା, ଲାଇଟ ଘର ପାଇଁ ଦାବି ରଖିଲେ ମତ୍ସ୍ୟଜୀବୀ
- ଇରମ ଶହୀଦ ପୀଠରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି


ଧାମରା ଗଙ୍ଗାମାତା ପଡ଼ିଆରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ପରଷୋତ୍ତମ ରୂପାଲା ଉଦ୍‌ବୋଧନ ଦେଉଛନ୍ତି।

ଚାନ୍ଦବାଲି/ବାସୁଦେବପୁର,୯।୧ (ଅଶୋକ କୁମାର ପଣ୍ଡା/ କିଷାନ ପାତ୍ର/ନାରାୟଣ ପ୍ରସାଦ ବାରିକ୍)

କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ପରଷୋତ୍ତମ ରୂପାଲା ମଙ୍ଗଳବାର ଭଦ୍ରକ ଜିଲାର ଚାନ୍ଦବାଲି ଓ ବାସୁଦେବପୁର ଗସ୍ତ କରିଛନ୍ତି। ସାଗର ପରିକ୍ରମା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଆସିଥିବା ବେଳେ ପୂର୍ବାହ୍ନରେ ଚାନ୍ଦବାଲି ବ୍ଲକ ଧାମରା ଚନ୍ଦନୀପାଳରେ ପହଞ୍ଚି ମତ୍ସ୍ୟଜୀବୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ପରେ ଧାମରା ଗଙ୍ଗାମାତା ପଡ଼ିଆରେ ଆୟୋଜିତ ସଭାରେ ସେ ଯୋଗଦେଇ ଉପକୂଳ ଅଞ୍ଚଳରେ ରହୁଥିବା ସମସ୍ତ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ଆଲୋଚନା କରିବା ସହ ସରକାରଙ୍କ ମତ୍ସ୍ୟ ସମ୍ପଦ ଯୋଜନା, ମାଛଚାଷ, ଆକ୍ୱାକଲ୍‌ଚର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ ପ୍ଲାନ, କିଷାନ କ୍ରେଡିଟ କାର୍ଡ ବାବଦରେ ଅବଗତ କରାଇଥିଲେ। ଏହି ଅବସରରେ ଶୁଖୁଆ ଖଳା ଓ ଲାଇଟ ଘର ପାଇଁ ମତ୍ସ୍ୟଜୀବୀମାନେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ। ଧାମରା କାଳୀନାଳୀ, ଚନ୍ଦନୀପାଳ ଏବଂ ଅମର ନଗରରେ ରହୁଥିବା ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିବା ପରେ ଧାମରା ମତ୍ସ୍ୟ ପୋତାଶ୍ରୟଠାରେ ଅନୁରୂପ ଭାବେ ସମସ୍ତ ମତ୍ସ୍ୟଜୀବୀଙ୍କୁ ଭେଟି କଥା ହୋଇଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା, ଦୋସିଙ୍ଗା ସରପଞ୍ଚ ରମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

ଅପରାହ୍ନରେ ବାସୁଦେବପୁର ବ୍ଲକର ଚୁଡ଼ାମଣି ଘାଟ ପଡ଼ିଆଠାରେ କେନ୍ଦ୍ରମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆୟୋଜିତ ସାଗର ପରିକ୍ରମା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଚୁଡ଼ାମଣିରେ ବନ୍ଦର ଓ ବତୀଘର ନିର୍ମାଣ ପାଇଁ ସେ ପଦକ୍ଷେପ ଗ୍ରହଣ କରିବେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ମଣ୍ଡଳ, ପୂର୍ବତନ ମନ୍ତ୍ରୀ ସାମଲ, ପୂର୍ବତନ ବିଧାୟକ ମଣ୍ଡଳ, କେନ୍ଦ୍ର ମତ୍ସ୍ୟ ବିଭାଗ ସଚିବ ଡ. ଅଭିଲାକ୍ଷ୍ୟ ଲିଖି, ମନ୍ତ୍ରୀଙ୍କ ପତ୍ନୀ ସବିତାବେନ ରୂପାଲା, ଉପଜିଲାପାଳ ମନୋଜ ପାତ୍ର, ରାଜ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲାମ, ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଏଲ୍. ନରସିଂହା ମୂର୍ତି, ଚୁଡ଼ାମଣି ଟ୍ରଲର ଆସୋସିଏଶନ ସଭାପତି ଶଶୀକାନ୍ତ ନାୟକ, ସମ୍ପାଦକ ହେମନ୍ତ ଜେନା, ଉପସଭାପତି ସୁନନ୍ଦ ମଲିକ, ଚୁଡ଼ାମଣି ସରପଞ୍ଚ ଅଗଣୀ ପ୍ରସାଦ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉପ ମତ୍ସ୍ୟ ନିର୍ଦ୍ଦେଶକ ବାଲେଶ୍ୱର ଜୋନ୍ ଦୀପ୍ତିକୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସି. ଏଚ୍. ପଲ୍ଲବୀ ଧନ୍ୟବାଦ ଦେଇଥିଲେ। ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଯୁଗ୍ମ ସଚିବ ନିତୁ କୁମାରୀ ପ୍ରସାଦ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମତ୍ସ୍ୟଜୀବୀ ଶ୍ରୀଧର ତରାଇ, ସଞ୍ଜୟ ପୁହାଣ, ରତିକାନ୍ତ ମଲିକ, ଜଗନ୍ନାଥ ଗିରି ପ୍ରମୁଖ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ଲାଭ ପାଇଥିବା ନେଇ ବକ୍ତବ୍ୟରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଅକ୍ଷୟ ମାଇତି, ମିଳନ ମଣ୍ଡଳ ଓ ଖୋକନ ମଣ୍ଡଳଙ୍କୁ ଉକ୍ତ ଯୋଜନାରେ ଚେକ୍ ବଣ୍ଟନ କରାଯାଇଥିଲା। ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ ନାୟକ, ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଦେବଦତ୍ତ ଭଞ୍ଜ, ଉପ ମତ୍ସ୍ୟ ନିର୍ଦ୍ଦେଶକ ବସନ୍ତ ଦାସ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀପ୍ରିୟା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗମେଇ ନଦୀକୁ ଚୁଡ଼ାମଣି ଘାଟଠାରୁ ସମୁଦ୍ର ପର୍ଯ୍ୟନ୍ତ ଖନନ ପାଇଁ ମତ୍ସ୍ୟଜୀବୀମାନେ କେନ୍ଦ୍ରମନ୍ତ୍ରୀଙ୍କଠାରେ ପ୍ରସ୍ତାବ ରଖିଥିଲେ। ପରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅତିଥିମାନେ ଇରମ ଶହୀଦ ପୀଠରେ ପହଞ୍ଚି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସେଠାରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ୨ ଗିରଫ

ଭଦ୍ରକ,୯।୧(ସନାତନ ରାଉତ): ଅବକାରୀ ବିଭାଗର ଭ୍ରାମ୍ୟମାଣ ସ୍କ୍ୱାଡ୍ ଦ୍ୱାରା ମଙ୍ଗଳବାର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅମରଗଡ଼ିଆ ନିକଟରୁ ୪୫ ଗ୍ରାମ୍ ବ୍ରାଉନସୁଗାର ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଅବକାରୀ ବିଭାଗ ପାଟ୍ରୋଲିଂ ସମୟରେ ଉକ୍ତ ସ୍ଥାନରେ ନରିପୁର ଗ୍ରାମର ଗୀତାରାଣୀ ବେହେରା ଓ ସୁଶାନ୍ତ କୁମାର ଦାସ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ଉଭୟଙ୍କୁ ଧରିଥିଲେ। ଜବତ ବ୍ରାଉନସୁଗାରର ମୂଲ୍ୟ ଆନୁମାନିକ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଭ୍ରାମ୍ୟମାଣ ସ୍କ୍ୱାଡ୍ ଉପନିରୀକ୍ଷକ ରବି ବେହେରା, ଏସ୍‌ଆଇ ଅଭିଳାଷ ପାଲ, ସନ୍ଦୀପ ପାଢ଼ୀ, ଏଏସ୍‌ଆଇ ଦୀପକ କୁମାର ରାଉତ, ରଶ୍ମିରେଖା ଜେନା, କନଷ୍ଟେବଲ ଶୁଭାଶିଷ ରାଉତ, ମିଥୁନ ଜେନା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏନେଇ ମାମଲା (ନଂ. ୩୮୬/୨୩-୨୪) ରୁଜୁ କରାଯାଇଛି।

### ବାଇକ୍ ଜଳିଗଲା



ବଡବିଲ,୯।୧(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ଗୁରୁଦ୍ୱାର ରୋଡ୍‌ରେ ରହୁଥିବା ଉପେନ୍ଦ୍ର ସିଂହଙ୍କ ବାଇକ୍‌ରେ ନିଆଁ ଲାଗି ଜଳିଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉପେନ୍ଦ୍ରଙ୍କ ପରିଚିତ ରାଜ ଚୌଧୁରୀ ନାମକ ଯୁବକ ଉକ୍ତ ବାଇକ୍‌ଟିକୁ ଷ୍ଟାର୍ଟ କରିବା ସମୟରେ ହଠାତ୍ ବାଇକରୁ ଧୂଆଁ ବାହାରିବା ସହିତ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିବା ବେଳକୁ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା। ସର୍ଟସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ଓଡ଼ିଆ ନାମଫଳକ ନ ଥିବାରୁ କାରଣଦର୍ଶାଅ ନୋଟିସ୍

ଚମ୍ପୁଆ ୯।୧(ମହେଶ୍ୱର ଦାସ):ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥାରେ ଓଡ଼ିଆ ନାମଫଳକ ଲେଖିବା ଏକପ୍ରକାର ବାଧ୍ୟତାମୂଳକ କରାଯାଇଛି। ବାଣିଜ୍ୟ ପ୍ରତିଷ୍ଠାନରେ ସ୍ପଷ୍ଟ ଭାବେ ଓଡ଼ିଆ ନାମଫଳକ ଲେଖିବାକୁ ଏଥିରେ ନିର୍ଦ୍ଦେଶ ରହିଥିବା ବେଳେ ବହୁ ସ୍ଥାନରେ ଏହାକୁ ଅଣଦେଖା କରାଯାଉଥିବା ନେଇ ଶ୍ରମ ବିଭାଗ ପକ୍ଷରୁ ଚଢ଼ାଉ ପୂର୍ବକ ନୋଟିସ କରାଯାଉଛି। ଚମ୍ପୁଆ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ ଚମ୍ପୁଆ-ରିମୁଳି ରାସ୍ତାରେ ରାଜକଲର ହାଉସ୍ ମାଲିକଙ୍କୁ ବ୍ୟବସାୟ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖା ହୋଇ ନ ଥିବାରୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ଉକ୍ତ ଦୋକାନର ନାମଫଳକ ଓଡ଼ିଆରେ ଲେଖିବା ଓ ଏହାର ଏକ ଫଟୋ କପି ଶ୍ରମ କାର୍ଯ୍ୟାଳୟରେ ପେଶ କରିବାକୁ ନିର୍ଦ୍ଦେଶ ରହିଛି। ଗତବର୍ଷ ନଭେମ୍ବରରେ ୧୫ଟି ଓ ଡିସେମ୍ବରରେ ୪ଟି ନୋଟିସ ଜାରି କରାଯାଇଥିଲା। ଚଳିତବର୍ଷ ଜାନୁଆରୀ ୮ ସୁଦ୍ଧା ୫ଟି ନୋଟିସ ଜାରି କରାଯାଇଥିବା ଶ୍ରମ ଅଧିକାରୀ କହିଛନ୍ତି।

# ପୋଷ୍ୟ ଗ୍ରାମକୁ ୬୦ କମ୍ବଳ ବଣ୍ଟନ

ବାଲେଶ୍ୱର, ୯।୧(ମାନସ ବିଶ୍ୱାଳ):


କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଜଣେ ମହିଳାଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ାସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ବର୍ଦ୍ଧିତ ଶୀତପ୍ରକୋପକୁ ଆଖି ଆଗରେ ରଖି ସ୍ଥାନୀୟ ପୋଷ୍ୟ ଗ୍ରାମ ମର୍ଦ୍ଦରାଜପୁରରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଚିହ୍ନଟ କରାଯାଇଥିବା ଗ୍ରାମର ୬୦ରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ଓ ଆବଶ୍ୟକତା ଅନୁଭବୀ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସଦ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ସାଧାରଣ ସମ୍ପାଦକ ଡ. ଦେବଦତ୍ତ ଦାସ, ଉପସଭାପତି ଡ. ମୀନତି ମିଶ୍ର, ଯୁଗ୍ମ ସମ୍ପାଦକ ଡ. ଜଗନ୍ନାଥ ବେହେରାଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟ ଭବାନୀ ଶଙ୍କର ଜେନା, ଦେବଦତ୍ତ ନାୟକ ଓ ଶତଦଳ ଗିରି ପ୍ରମୁଖ ଉପସ୍ଥିତ ହୋଇ ଗ୍ରାମବାସୀଙ୍କ ସହିତ କଥାବାର୍ତ୍ତା କରି ଅନ୍ୟାନ୍ୟ ସୁବିଧା ଅସୁବିଧାର କାରଣ ପଚାରି ବୁଝିଥିଲେ। ଏହି ଅବସରରେ ପ୍ରବଳ ଶୀତହେତୁ କଷ୍ଟରେ ଜୀବନଯାପନ କରୁଥିବା ଗ୍ରାମବାସୀ କମ୍ବଳ ପାଇବାରେ ଆନନ୍ଦ ପ୍ରକାଶ କରିବା ସହ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ କାର୍ଯ୍ୟକ୍ରମରେ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ୮ ଦିନ ପରେ ଧାରଣା ପ୍ରତ୍ୟାହୃତ

ମୋରଡ଼ା,୯।୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କମାରଡିହା ପଞ୍ଚାୟତର ନା.ଖୁଣ୍ଟା ସରକାରୀ ୟୁଜିଏମଇ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଜାନୁୟାରୀ ୧ ତାରିଖରୁ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ । ଫଳରେ ୮ ଦିନ ହେଲା ପାଠପଢ଼ା ଠପ୍ ହୋଇଥିଲା। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଥିଲା। ମଙ୍ଗଳବାର ପରିଚାଳନା କମିଟିର ସଦସ୍ୟମାନେ ଧାରଣାରୁ ଉଠିଛନ୍ତି । ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ପରିଚାଳନା କମିଟି ସଦସ୍ୟ, ସଦସ୍ୟାଙ୍କ ଜାଲ ଦସ୍ତଖତ କରି ସରକାରୀ ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ପରେ ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା । କିନ୍ତୁ ଜିଲା ଶିକ୍ଷାଅଧିକାରୀ ଉକ୍ତ ଆଦେଶକୁ ବାତିଲ କରି ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କୁ ପୁନର୍ବାର ସେହି ସ୍କୁଲରେ ଯୋଗ ଦେବାକୁ କହିଥିଲେ। ଯାହାକୁ ବିରୋଧ କରି ବିଦ୍ୟାଳୟ ପରିଚାଳନା କମିଟି ଗେଟରେ ତାଲା ପକାଇବା ସହିତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲା । ତେବେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କୁ ଝରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ବୋଲି ରାସଗୋବିନ୍ଦପୁର ବିଇଓ ଛତିଶଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କାଳିପଦା, ୯।୧: ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କ୍ଷୀରୋଦା ବିହାର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି କୁନି କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମନ୍ଦିର ପ୍ରାଣ ପ୍ରତିଷ୍ଠାତା ସଭାପତି ତଥା ପ୍ରାକ୍ତନ ସେନା ଅଧିକାରୀ ମାନସ କୁମାର ବେହେରାଙ୍କ ସଭାପତିତ୍ୱରେ ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପାତ୍ର, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ବେହେରା, କୋଷାଧ୍ୟକ୍ଷ ବଂଶୀଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିର ଭାରପ୍ରାପ୍ତ ପ୍ରଧାନ ଗୁରୁମା ଅଞ୍ଜନା ମିଶ୍ର, ଗୁରୁଜୀ ଜଳଧର ଦେ, ନିର୍ମଳ କୁମାର ଧଳ, ଗୁରୁମା କୃଷ୍ଣାକୁମାରୀ ସୁର, ଝୁନାରାଣୀ ଦାସ, ଚିନ୍ମୟୀ କର, ବିଦ୍ୟୁତ୍‌ପ୍ରଭା ଦେ, ସସ୍ମିତା ନାୟକ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଅପା ସ୍ନେହଲତା ଦେ ଓ ଜାନକୀ ମାରାଣ୍ଡି ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ଟେନିକଏଟ୍ ପ୍ରତିଯୋଗିତା: ଭଦ୍ରକରୁ ୪ ଖେଳାଳି


ଓଡ଼ିଶା ଦଳରେ ସ୍ଥାନ ପାଇଥିବା ୪ ଖେଳାଳି।

ଭଦ୍ରକ,୯।୧ (ସନାତନ ରାଉତ/ରବିନାରାୟଣ ଖିଲାର)

ଆନ୍ଧ୍ରପ୍ରଦେଶର ପଲାସାଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଜାତୀୟସ୍ତରୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ଭଦ୍ରକରୁ ୪ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶା ପୁରୁଷ ଦଳରେ ୩ ଏବଂ ମହିଳା ଦଳରେ ଜଣେ ଅଛନ୍ତି। ଘୋଷଣା ହୋଇଥିବା ୧୨ଜଣିଆ ଦଳରେ ଭଦ୍ରକ ଜିଲାରୁ ପୁରୁଷ ଦଳରେ ରାଜେଶ ନାୟକ, ନାରାୟଣ ବେହେରା, ନିର୍ମଳ ସେନ୍ ଏବଂ ମହିଳା ଦଳରେ ଅଭିଲିପ୍ସା ପୃଷ୍ଟି ସ୍ଥାନ ପାଇଛନ୍ତି। ଜିଲା ଟେନିକଏଟ୍ ସଂଘର ସଭାପତି ଗୋଲକ ନାୟକ, ସମ୍ପାଦକ ମନୋଜ କୁମାର ସାହୁ ଏବଂ ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସାଂସ୍କୃତିକ ଚେତନାକୁ ଋଦ୍ଧିମନ୍ତ କରେ ଉତ୍ସବ

ଭୋଗରାଇ, ୯।୧(ପ୍ରଦୀପ ଦାସ)

ରୁଚିସମ୍ପନ୍ନ ଉତ୍ସବ ସାଂସ୍କୃତିକ ଚେତନାକୁ ଋଦ୍ଧିମନ୍ତ କରେ। ଏହା ମଧ୍ୟରେ ମଣିଷର ସାଂସ୍କୃତିକ ଭାବନା, ଚିନ୍ତା ଓ ଶିକ୍ଷାକୁ ପାଥେୟ କରି ମାନବବାଦରେ ପରିଣତ କରେ ଓ ସମାଜ ବ୍ୟବସ୍ଥାକୁ ମଧୁମୟ କରି ଗଢ଼ି ତଳେ ବୋଲି ଭୋଗରାଇ ଉତ୍ସବର ୮ମ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉତ୍ସବ କମିଟିର ଉପସଭାପତି ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ମଞ୍ଚ ଆହ୍ୱାନ ଓ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ ବ୍ୟଙ୍ଗ କବି ଡ. ଶ୍ରୀକୁମାର ଘୋଷ। ଆଗାମୀ ଦଶନ୍ଧିରେ ଭୋଗରାଇ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗ୍ରନ୍ଥକାର ଡ. ଛାୟାକାନ୍ତ ଷଡ଼ଙ୍ଗୀ, ସମ୍ମାନିତ ବକ୍ତା ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅବନୀକାନ୍ତ ଗିରି, ସମ୍ମାନନୀୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ଦେଉଳା ସେବା ସମବାୟ ସମିତି ସଭାପତି ହରେନ୍ଦ୍ର ନାଥ ଦାସ, ସରପଞ୍ଚ ମମତା ସାହୁ ଭୋଗରାଇ ଉତ୍ସବ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଉତ୍ସବର ପୃଷ୍ଠପୋଷକ ଏବଂ ସାମାଜିକ କର୍ମୀ ଗୋପାଳ କୃଷ୍ଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅପରପକ୍ଷରେ ଉତ୍ସବର ନବମ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ ଉତ୍ସବ କମିଟିର ବରିଷ୍ଠ ସମୀକ୍ଷକ ପ୍ରମଥ କୁମାର ଗିରି। ସ୍ୱାଗତ ସମ୍ଭାଷଣ ଦେଇଥିଲେ କମିଟିର ସଦସ୍ୟ ବିଶ୍ୱମ୍ଭର ଦାସ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବାଶିଷ ପାତ୍ର ମା', ମାଟି ଓ ମାତୃଭାଷାକୁ ଉଜ୍ଜୀବିତ ଲାଗି ଭୋଗରାଇ ଉତ୍ସବ ୧୫ବର୍ଷ ଧରି ଆପ୍ରାଣ ଉଦ୍ୟମ ଜାରି ରଖିଥିବାରୁ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗାଉଛି ବୋଲି ମତପ୍ରକାଶ କରିଥିଲେ। ଶେଷରେ କମିଟିର ସଦସ୍ୟ ଯଜ୍ଞେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ। ପରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଓ ନର୍ତ୍ତକୀନର୍ତ୍ତକମାନଙ୍କ ମନଛୁଆଁ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।


ଭୋଗରାଇ ଉତ୍ସବରେ ଅତିଥିମାନେ।

# ଘରକୁ ଘର ବୁଲିଲା ଜଗନ୍ନାଥ ଅର୍ପଣ ରଥ

ବାରିପଦା,୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ): ରାଇରଙ୍ଗପୁର ପୌରାଞ୍ଚଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି । ଉକ୍ତ ରଥ ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ସମସ୍ତ ୧୫ଟି ୱାର୍ଡରେ ପର୍ଯ୍ୟାୟ କ୍ରମେ ପରିକ୍ରମା କରି ସଂକୀର୍ତ୍ତନ ମଣ୍ଡଳୀ ସହିତ ଘରକୁ ଘର ବୁଲି ପ୍ରତ୍ୟେକ ଗୃହରୁ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛି। ଏହି ଉପଲକ୍ଷେ ରାଇରଙ୍ଗପୁର ପୌରପାଳିକାର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ମୋରଡା ବିଧାୟକ ରାଜକିଶୋର ଦାସ ଓ ଓଡିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନସ୍ଥ ଗ୍ରାମ୍ୟ ବିଦ୍ୟୁତ୍‌କରଣର ଉପଦେଷ୍ଟା ଦୀପ୍ତିମାନ ବଳ ପ୍ରମୁଖ ମହାପ୍ରଭୁଙ୍କୁ ଅରୁଆ ଚାଉଳ ଓ ଗୁଆ ଅର୍ପଣ ପୂର୍ବକ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ପୌରପାଳିକାର ଉପାଧ୍ୟକ୍ଷା ମମିତା ଚୌଧୁରୀ, ସମସ୍ତ କାଉନସିଲର, ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ରମେଶ ନାୟକ,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ସେହିପରି ବାରିପଦା ପୌରପରିଷଦ, ବାରିପଦା, ବେତନଟୀ, ବଡ଼ସାହି, ମୋରଡା, ଶୁଳିଆପଦା, ରାସଗୋବିନ୍ଦପୁର, କୁଳିଅଣା, ବାଙ୍ଗିରିପୋଷି, ସାରସକଣା, ଶାମାଖୁଣ୍ଟା, ଖୁଣ୍ଟା, ଜିବି ନଗର,ଉଦଳା, ଆଦି ବ୍ଲକ ଅଞ୍ଚଳରେ ଅର୍ପଣ ରଥ ପରିକ୍ରମା କରିଛି।


ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯାଇଛି।

# ବରିପଦାରେ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ

ବାହାନଗା,୯।୧(ଅରୂପ୍ କୁମାର ଦାସ): ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ କରଞ୍ଜାବିନ୍ଧା ଗ୍ରାମର ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଅର୍ପଣ ରଥ ରାଧାକୃଷ୍ଣ ମନ୍ଦିର ପରିସରରୁ ପୂଜାର୍ଚ୍ଚନା ପରେ ଗ୍ରାମର ମହିଳା କୀର୍ତ୍ତନ ଓ ପୁରୁଷ କୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା କୀର୍ତ୍ତନ କରାଯାଇଥିଲା। ପରେ ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଉଦ୍‌ଘାଟନ କରାଯାଇଥିଲା। ବିଡିଓ ସେଠୀ ପ୍ରଥମେ ଅର୍ପଣ ରଥ ହଣ୍ଡାରେ ଅରୁଆ ଚାଉଳ ଓ ଗୋଟା ଗୁଆ ଅର୍ପଣ କରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଅରୁଆ ଚାଉଳ ଓ ଗୋଟାଗୁଆ ଅର୍ପଣ କରାଯାଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ବିଡିଓ ରବୀନ୍ଦ୍ର କୁମାର ସେଠୀ, ବ୍ଲକ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରିଜା ଶଙ୍କର ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଚଞ୍ଚଳା ମହାଳିକ, ଗ୍ରାମ ରୋଜଗାର ସେବକ ଅବନୀ କୁମାର ସାହୁଙ୍କ ସମେତ ଗ୍ରାମର ବୟଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅର୍ପଣ ରଥ ପଞ୍ଚାୟତର କରଞ୍ଜାବିନ୍ଧା ଗ୍ରାମର ୩ଟି ୱାର୍ଡ ସମେତ ଅନ୍ୟ ୱାର୍ଡରେ ୩ ଦିନ ଧରି ଅର୍ପଣ ରଥ ଘରକୁ ଘର ବୁଲିବା ସହିତ ଅରୁଆ ଚାଉଳ ଓ ଗୋଟାଗୁଆ ଭକ୍ତିର ସହିତ ଲୋକମାନେ ଦାନ କରୁଥିବା ବେଳେ ଠାକୁରଙ୍କ ଉଦ୍ଦେଶ୍ୟରେ ଟଙ୍କା ମଧ୍ୟ ଦାନ କରୁଛନ୍ତି। ରଥ ମନ୍ଦିର ପରିସରରେ ପହଞ୍ଚିବା ପରେ ସେଠାରେ ପ୍ରଶାସନ ଦ୍ୱାରା ଲୋକମାନଙ୍କୁ ପ୍ରସାଦସେବନ ବ୍ୟବସ୍ଥା କରାଯାଉଛି।


କରଞ୍ଜବିନ୍ଧା ଗ୍ରାମରେ ଅର୍ପଣ ରଥକୁ ସ୍ୱାଗତ ଅବସରରେ ଆୟୋଜିତ ସଂକୀର୍ତ୍ତନ।

# ଢେଙ୍କିକୋଟରେ ଗଡ଼ିଲା ଅର୍ପଣ ରଥ

ଢେଙ୍କିକୋଟ, ୯।୧ (ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅଧୀନ ଢେଙ୍କିକୋଟ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରୁ ପରିକ୍ରମା ରଥକୁ ସରପଞ୍ଚ ଖଇର ନାଏକ ଶୁଭାରମ୍ଭ କରି ଛାଡ଼ିଥିଲେ। ପରେ ଏହି ରଥ ପଞ୍ଚାୟତର ଦଳେଇସାହି, ପାତ୍ରସାହି, ଈଶରସାହି, ତଳସାହି ଦେଇ ଢେଙ୍କିକୋଟ ଜଗନ୍ନାଥ ମନ୍ଦିର ସହି ରଥ ପଡ଼ିଆରେ ପହଞ୍ଚିଥିଲା। ପ୍ରତ୍ୟେକ ସାହି ବସ୍ତିରେ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ମହିଳାମାନେ ଶଙ୍ଖ ହୁଳହୁଳି ଦେଇ ବନ୍ଦାପନା କରିଥିଲେ। ସମସ୍ତେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ, ଏସ୍‌ଏଚ୍‌ଜି ମହିଳା ଶୋଭାଯାତ୍ରାରେ ସାମିଲ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ, ଗ୍ରାମ ରୋଜଗାର ସେବକ ପ୍ରକାଶ ବେହେରା, ଯୋଗାଣ ସହାୟକ ସୁଦାମ ଚରଣ ବେହେରା ଏବଂ ପଞ୍ଚାୟତ କର୍ମଚାରୀ ସହଯୋଗ କରି ରଥ ପରିକ୍ରମାରେ ସାମିଲ ହୋଇଛନ୍ତି। ରଥ ଲଙ୍ଗଳକଣ୍ଟି ମେଡିକାଲ ସାହି ବସ୍ତି, ଟିକିରା, କପାସପଡା ଗ୍ରାମ ପରିକ୍ରମା କରିବା ପରେ ଅପରାହ୍ନ ୫ଟାରେ ଟିକିରାସ୍ଥିତ ଟିକେଶ୍ୱର ଶିବମନ୍ଦିର ନିକଟରେ ଶେଷ ହୋଇଥିଲା। ପଞ୍ଚାୟତ ତରଫରୁ ଟିକେଶ୍ୱର ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ୧ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ଅର୍ପଣ ରଥ ପଞ୍ଚାୟତର ୧୧ ୱାର୍ଡ ପରିକ୍ରମା କରିଛି।


ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

# ସଂସ୍କୃତ ପ୍ରଶ୍ନପତ୍ରରେ ହିନ୍ଦୀ ଭାଷା ପ୍ରଶ୍ନ

ଖଇରା, ୯।୧(ଉତ୍କଳବନ୍ଧୁ ପଣ୍ଡା) ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ୫ମ ସେମିଷ୍ଟରରେ ଥିବା ସଂସ୍କୃତ ପରୀକ୍ଷାରେ ହିନ୍ଦୀ ଭାଷାରେ ପ୍ରଶ୍ନ ପଡିବାକୁ ନେଇ ଖଇରା ମହାବିଦ୍ୟାଳୟ ସମେତ ଅନ୍ୟାନ୍ୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତ୍ରୁଟି ଥିବା ପ୍ରଶ୍ନପତ୍ର ପାଇଁ ଲ୍‌ଗ୍ରେସ ମାର୍କ ଦେବାକୁ ପିଲାମାନେ ପରୀକ୍ଷା ନିୟନ୍ତ୍ରକ ତଥା କୁଳପତିଙ୍କୁ ଲିଖିତ ଭାବେ ଦାବି କରିଛନ୍ତି । ଅଭିଯୋଗ ଅନୁଯାୟୀ ମଙ୍ଗଳବାର ୧୧ତମ ପେପର ଭାବେ ସଂସ୍କୃତ ଭାଷାଥିବା ବେଳେ ଏଥିମଧ୍ୟରୁ ୧୫ମାର୍କ ହିନ୍ଦୀ ଭାଷାରେ ଆସିଥିବାରୁ ପିଲାମାନେ ଉକ୍ତ ପ୍ରଶ୍ନର ଉତ୍ତର ଠିକ ଭାବେ ଦେଇ ପାରି ନ ଥିଲେ। ଏହାଛଡା ୨ୟ ଓ ୩ୟ ସେମିଷ୍ଟରରେ ମଧ୍ୟ କୋର୍ସ ବାହାରୁ ପ୍ରଶ୍ନ ଆସିଥିବା ନେଇ ଏହି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା, ୯।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସମ୍ପେଇ ଗ୍ରାମର ବ୍ରହ୍ମାନନ୍ଦ ଜେନାଙ୍କ ସ୍ତ୍ରୀ ମଧୁସ୍ମିତା(୨୬)ଙ୍କ ସୋମବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଶ୍ୱଶୁରଘର ଲୋକ ଏହାକୁ ସ୍ୱାଭାବିକ ମୃତ୍ୟୁର ରୂପ ଦେଉଥିବା ବେଳେ ବାପଘର ଲୋକେ ଯୌତୁକ ପାଇଁ ଝିଅଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଖଇରା ପୋଲିସ ପ୍ରାଥମିକ ତଦନ୍ତ ପରେ ଏକ ମାମଲା(ନଂ.୬/୨୪) ରୁଜୁ କରି ଶ୍ୱଶୁର ଚକ୍ରଧର ଜେନାଙ୍କୁ ଖଇରା ଥାନାରେ ଅଟକ ରଖିଛନ୍ତି। ମଧୁସ୍ମିତାଙ୍କ ମାମୁ ଖଇରା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ଭୋଗୁପୁର ଗ୍ରାମର ଜୟକୃଷ୍ଣ ରାମଙ୍କ ଝିଅ ମଧୁସ୍ମିତା ଅନ୍ୟୂନ ୭ବର୍ଷ ତଳେ ସମ୍ପେଇ ଗ୍ରାମର ଚକ୍ରଧର ଜେନାଙ୍କ ପୁଅ ବ୍ରହ୍ମାନନ୍ଦଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଯୌତୁକ ଦାବିରେ ନିର୍ଯାତନା ଦିଆଯାଉଥିଲା। ଏଥିଲାଗି ଉଭୟ ପକ୍ଷରୁ ସମାଧାନ ଲାଗି ଉଦ୍ୟମ କରାଯାଇଥିଲା। ବ୍ରହ୍ମାନନ୍ଦ ବାହାରେ ରହୁଥିବା ବେଳେ ଶ୍ୱଶୁର ଘରର ଅନ୍ୟମାନଙ୍କ ଦ୍ୱାରା ସେ ନିର୍ଯାତିତ ହେଉଥିଲେ । ଶେଷରେ ସମସ୍ତେ ମିଶି ମଧୁସ୍ମିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

### ଦ୍ୱିତୀୟ ଦିନରେ ଅନଶନ

ବାଲିଆପାଳ, ୯।୧ (ଅମୂଲ୍ୟ କୁମାର ଦାସ)

ଡିସେମ୍ବର ୨୧ତାରିଖରେ ଜିଲା ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ ନ ହେବାରୁ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କୌଣସି ଅଧିକାରୀ ଧାରଣାସ୍ଥଳକୁ ପହଞ୍ଚି ନ ଥିବା ବେଳେ ବିଷ୍ଣୁପୁର ପଞ୍ଚାୟତର ବରିଷ୍ଠ ସରପଞ୍ଚ ମହେଶ୍ୱର ଜେନାଙ୍କ ଶାରୀରିକ ଅସୁସ୍ଥତା ଯୋଗୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ରହିଛି। ଜମ୍ବୀରାଇ ପଞ୍ଚାୟତର ସମିତିସଭ୍ୟଙ୍କ ଅସୁସ୍ଥତା କାରଣରୁ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାଲିଆପାଳ ବ୍ଲକ କାର୍ଯ୍ୟାଳୟରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିବା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ନିର୍ବାଚିତ ପ୍ରତିନିଧି ସଂଘ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ବଦଳି ଦାବିରେ ଅନଶନ ମାଧ୍ୟମରେ ଅଡ଼ି ବସିଛନ୍ତି। ହେଲେ ଜିଲା ପ୍ରଶାସନ ଏଠି ନୀରବଦ୍ରଷ୍ଟା ସାଜିଛି। ଶୀତ କାକରରେ ମହିଳା ସରପଞ୍ଚ ଓ ସମିତିସଭ୍ୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

ବନ୍ତ, ୯।୧ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ନିଲୋକ ହାଇସ୍କୁଲ ପରିସରରେ ମଙ୍ଗଳବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଚକ୍ଷୁଚିକିତ୍ସା ଶିବିର 'ସୁନେତ୍ର' ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନିଲୋକ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ୬୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ଭଦ୍ରକସ୍ଥିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଡା. ବସନ୍ତ କୁମାର ବାରିକ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରୁନାବାଳା ଦାଶ, ଅନ୍ତର୍ନିହିତ ଶିକ୍ଷା ସ୍ୱେଚ୍ଛାସେବୀ ଆଶୁତୋଷ ଲେଙ୍କା ଓ ଆଶାଲତା ନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଠୁ ମୟୂରଭଞ୍ଜରେ ପକ୍ଷୀ ଗଣନା

## ବିଦେଶୀ ପକ୍ଷୀଙ୍କ ଗତିବିଧି ଉପରେ ରହିବ ନଜର

ବାରିପଦା, ୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବୁଧବାରଠାରୁ ପକ୍ଷୀ ଗଣନା ଆରମ୍ଭ ହେବ। ଜିଲାର ଶିମିଳିପାଳ ଅଭୟାରଣ୍ୟ ଓ ସମସ୍ତ ବନଖଣ୍ଡରେ ଏହି ଗଣନା କାର୍ଯ୍ୟ ଆରମ୍ଭ ହେବ। ପ୍ରତି ବର୍ଷ ଶୀତ ଋତୁର ପ୍ରାରମ୍ଭରେ ଏହି ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲାରେ ଥିବା ଶିମିଳିପାଳ ଅଭୟାରଣ୍ୟ ତଥା ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାର, ଆଦ୍ରଭୂମି ସହ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ପକ୍ଷୀ ଗଣନା କାର୍ଯ୍ୟ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ବନାଞ୍ଚଳର ୪୦ ଆଦ୍ରଭୂମିରେ ଏହି ଗଣନା କରାଯିବା ନେଇ ସ୍ଥିର ହୋଇଛି। ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ୧୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳର ଜଳାଶୟରେ ଗଣନା କରିବେ। ବନ କର୍ମଚାରୀମାନଙ୍କ ସମେତ ଓୟୁଏଟି ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବନ୍ୟପ୍ରାଣୀ ବିଭାଗର ଛାତ୍ରୀଛାତ୍ରମାନେ ଗଣନା ପ୍ରକ୍ରିୟାରେ ସାମିଲ ହେବେ। ସକାଳ ୭ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ହେବାକୁ ଥିବା ବେଳେ ଏହାର ରିପୋର୍ଟ ଆକଳନ କରି ରାଜ୍ୟସ୍ତରୀୟ ରିପୋର୍ଟ ପାଇଁ ହସ୍ତାନ୍ତର କରାଯିବ। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ଏହି ପକ୍ଷୀମାନଙ୍କ ଗତିବିଧିକୁ ଲକ୍ଷ୍ୟରେ ରଖାଯାଇଛି। ବନବିଭାଗର ସ୍ୱତନ୍ତ୍ର ତାଲିମ ପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଏହି ଗଣନା କରାଯିବ। ଶୀତ ଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି। ବିଦେଶୀପକ୍ଷୀମାନେ ଜିଲାର ଜମ୍ବୀରା, ହଳଦିଆ, ବଡ଼ଯୋଡ, ରାଜାବନ୍ଧ, କାଳ, ନେସା, ବାଙ୍କବଳ, ସୁଲେଇପାଟ(ଖଡଖାଇ) ପରି ବୃହତ ଜଳାଶୟମାନଙ୍କରେ ଆଶ୍ରୟ ନେଇଥାନ୍ତି। ପକ୍ଷୀମାନଙ୍କ ପ୍ରଜାତି ଓ ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କର ସଂଖ୍ୟାର ଆକଳନ କରାଯାଇଥାଏ। ବନ ବିଭାଗର ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ବାଇନାକୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନ ବିଭାଗ କର୍ମଚାରୀମାନେ ପକ୍ଷୀ ଗଣନା କରିବେ। ଜିଲାରେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ଶୀତ ଅନୁଭୂତ ହେଉଥିବା ବେଳେ ଅଧିକ ବିଦେଶୀ ପକ୍ଷୀ ଆସିଥିବା ସମ୍ଭାବନା ରହିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ସୂଚନା ଦେଇଛନ୍ତି।

# 'ସିଂହାସନ ଖାଲି କର' ସମାବେଶ




ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ପାଟଣା, ୯।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟରେ ମଙ୍ଗଳବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପାଟଣା ନିର୍ବାଚନମଣ୍ଡଳୀ ସ୍ତରୀୟ 'ସିଂହାସନ ଖାଲି କର' ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦେଶ୍ୱର ଶିବ ମନ୍ଦିର ପଡ଼ିଆରୁ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ, ମୂଲିଆ ଓ ମହିଳାଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ବାହାରି ବିଜେଡି, ଭାଜପା ଓ କଂଗ୍ରେସର କୁଶାସନ କହି ଏହା ବିରୋଧରେ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକଙ୍କ ଭିଡ଼ରେ ପାଟଣା ବଜାରରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏହାପରେ ପାଟଣା ମୁଖ୍ୟାଳୟ ଷ୍ଟାଡିୟମ ନିକଟ ପଡ଼ିଆରେ ସାମାବେଶ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ୧୪୭ ସିଟ୍‌ରେ ଏଥର ନବନିର୍ମାଣ କୃଷକ ସଙ୍ଗଠନ ପ୍ରାର୍ଥୀ ଦେବ। ଆଉ ପାଟଣା ବିଧାସଭା କ୍ଷେତ୍ରରୁ ପ୍ରଥମ ବିଜୟ ବାନା ଉଡ଼ାଇବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇ ୨୦୨୪ରେ ନବନିର୍ମାଣ କୃଷକ ସଙ୍ଗଠନ ଚାଷୀ ପ୍ରତିନିଧିଙ୍କୁ ବିଧାନସଭା ପଠାଇବ ଓ ଚାଷୀ ସରକାର ଗଠନ କରିବ ବୋଲି କହିଥିଲେ। ନିମାଇଁ ରାୟ, ଡ. କୁଳମଣି, ଲକ୍ଷ୍ମୀଧର ପ୍ରଧାନ, ଇନ୍ଦ୍ରମଣି ବିଶ୍ୱାଳ, ଖଗେଶ୍ୱର ମହାନ୍ତ, ରାଜବଲ୍ଲଭ ମିଶ୍ର, ବିଳାସିନୀ ମହାନ୍ତ, ସ୍ମୃତି ରଞ୍ଜନ ମହାନ୍ତ, କୁସଧ୍ୱଜ ନାୟକ, ଭାବଗ୍ରାହୀ ମହାନ୍ତ ପ୍ରମୁଖ ଆଞ୍ଚଳିକ ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ ନିର୍ବାଚନ ମଇଦାନରେ ଚାଷୀମାନଙ୍କୁ ଓହ୍ଲାଇବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତ, ଶ୍ୟାମସୁନ୍ଦର ମହାନ୍ତ, ଯତୀନ୍ଦ୍ର ମହାନ୍ତ, ଦିନେଶ ଦାସ, ଅଶ୍ୱିନୀ ଜେନା, କୌଶଲ୍ୟା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି କାର୍ଯ୍ୟପନ୍ଥା ସମ୍ପର୍କିତ ଆଲୋଚନା

## ୧୩ କୃଷି ପୁସ୍ତିକା ଉନ୍ମୋଚିତ




ଅତିଥିମାନଙ୍କ ଦ୍ୱାରା କୃଷି ପୁସ୍ତିକା ଉନ୍ମୋଚନ କରାଯାଉଛି।

ସିମୁଳିଆ, ୯।୧ (ସନ୍ତୋଷ ନାୟକ)

ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀର ବିଂଶତମ ଆଲୋଚନାଚକ୍ର ମଙ୍ଗଳବାର ରାଣିତାଲ କୃଷି ବିଜ୍ଞାନକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ଶିକ୍ଷା ଓ ସମ୍ପ୍ରସାରଣ ବିଭାଗ ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଅମରେଶ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସବ୍ୟାପୀ ଉତ୍ସବରେ ବିଭିନ୍ନ ବିଭାଗର ବୈଜ୍ଞାନିକ, କୃଷି ଅଧିକାରୀ ଓ ଅଗ୍ରଣୀ କୃଷକମାନେ ଯୋଗ ଦେଇଥିଲେ। ଗତ ୨୦୨୨-୨୩ର ରବି, ୨୦୨୩-୨୪ର ଖରିଫ କୃଷିର ସଫଳତା ଓ ୨୦୨୪-୨୫ ବର୍ଷରେ କୃଷି କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓୟୁଏଟିର ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଅନ୍‌ଲାଇନ ମାଧ୍ୟମରେ ଆଗାମୀ କୃଷି କାର୍ଯ୍ୟପନ୍ଥା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ମଣ୍ଡଳୀ ବୈଠକରେ କୋଲକାତା ଅଟାରିର ପ୍ରଧାନ ବୈଜ୍ଞାନିକ ଡ. ଅଭିଜିତ ହାଲଦାର, ଆଞ୍ଚଳିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ବୈଜ୍ଞାନିକ ଡ. ଉମାଶଙ୍କର ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ, ଜିଲା କୃଷି ଅଧିକାରୀ ଶ୍ରୀଧର ଦାସ, ମୃତ୍ତିକା ସଂରକ୍ଷଣ ସହ-ନିର୍ଦ୍ଦେଶକ ରଶ୍ମିରଞ୍ଜନ ପାତ୍ର, ଏଲ୍‌ଡିଏମ୍ ନାଗେଶ୍ୱର ରାଓ, ମତୋ ଆର୍‌ଆର୍‌ଟିଟିଏସ୍ ଅଧିକାରୀ ଡ. ବିଶ୍ୱରଞ୍ଜନ ନାୟକ, ଭଦ୍ରକ ସିଡିପିଓ ରାଜଶ୍ରୀ ଗୋସ୍ୱାମୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନରୋତ୍ତମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃଷି ସମାଚାର ସାଳନ୍ଦୀ ସମେତ ବିଭିନ୍ନ ୧୩ଟି କୃଷି ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଅଗ୍ରଣୀ କୃଷକ ଓ ବୈଜ୍ଞାନିକମାନେ ଆଗାମୀ କୃଷି ଯୋଜନା ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ। କୃଷି ବିଶେଷଜ୍ଞଙ୍କ ସମେତ ଅନ୍ୟମାନେ କୃଷି ବିଜ୍ଞାନ କେନ୍ଦ୍ରରେ ସମନ୍ୱିତ ପ୍ରଣାଳୀରେ କରାଯାଇଥିବା କୃଷି କ୍ଷେତ୍ର ପରିଦର୍ଶନ କରିଥିଲେ। ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ଅତିଥି ପରିଚୟ ଓ ସୁଶାନ୍ତ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବାରାତ୍ର ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ

## ଔପଦାରେ ଜନ ଆରୋଗ୍ୟ ସମିତି ବୈଠକ

ଔପଦା, ୯।୧ (ଧରିତ୍ରୀ ପଣ୍ଡା)

ଔପଦା ଡାକ୍ତରଖାନା ପରିସରରେ ଜନ ଆରୋଗ୍ୟ ସମିତି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ୧ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ମୁନି ସିଂଙ୍କ ଅଧ୍ୟକ୍ଷତାରେ ବିଡ଼ିଓ ଆଦିକନ୍ଦ ବେହେରା, ଡା. ଚନ୍ଦନ ମହାକୁଡ଼, ତଳକିଆ ସରପଞ୍ଚ ଦିପ୍ତୀରାଣୀ ନାୟକ, ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ଅଘିରାପଦା ସରପଞ୍ଚ ଅନୁପମା ବିଶ୍ୱାଳ, ବଡ଼ପୋଖରୀ ସରପଞ୍ଚ ସୁଭଦ୍ରା ନାୟକ, ସମିତିର ନିର୍ବାଚିତ ସଭ୍ୟ ତଥା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ମହେନ୍ଦ୍ର ପ୍ରସାଦ ନାୟକ, ସଭ୍ୟ ମଧୁସୂଦନ ମଲ୍ଲିକ, ଫାର୍ମାସିଷ୍ଟ ଅମ୍ବିକାବଲ୍ଲଭ ପାତ୍ରୀ, ସ୍ୱାସ୍ଥ୍ୟ ସୁପରଭାଇଜର ମନୋଜ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ସ୍ୱାଧୀନତା ପୂର୍ବରୁ ଥିବା ଔପଦା ଡାକ୍ତରଖାନାରେ ଦିବାରାତ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଗତ ୨୬ତାରିଖ ମିଳିତ ଜନଶୁଣାଣି ଶିବିରରେ ବରିଷ୍ଠ ନାଗରିକ ମଞ୍ଚ, ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭ୍ୟ ନାୟକ ଓ ଗୋପାଳ କିଶୋର ଦାସ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ଜିଲାପାଳ ଶିବିରରେ ଉପସ୍ଥିତ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସମସ୍ୟାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ କହିଥିଲେ। ଏହି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ଡାକ୍ତରଖାନା ପରିସରରେ ଜମି ରହୁଥିବା ବର୍ଷା ପାଣି ସମସ୍ୟା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ସହ ପୂର୍ବତନ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସ୍ଥାନୀୟ ଖବରଦାତାମାନେ ଜଣାଇବାରୁ ଜିଲାପାଳ ସମସ୍ୟାକୁ ଅନୁଧ୍ୟାନ କରି ଜିଲା ମିନେରାଲ ଯୋଜନାରେ ବର୍ଷା ପାଣି ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା କରିବାକୁ ୪ଲକ୍ଷ ୨୦ହଜାର ଟଙ୍କା ଅନୁମୋଦନ କରିଥିଲେ। ଯୋଜନାର ନିର୍ମିତ ଡ୍ରେନ ଅପୂର୍ଣ୍ଣାଙ୍ଗ ଥିବାରୁ ପୂର୍ଣ୍ଣାଙ୍ଗ ପାଇଁ ଆଲୋଚନା ହୋଇଥିଲା। ଡାକ୍ତରଖାନାର ମୁଖ୍ୟ ଫାଟକର ଉନ୍ନତି, କୋଭିଡ୍ ସମୟରେ ଡାକ୍ତରଖାନା ପରିସରରେ ଅପୂର୍ଣ୍ଣାଙ୍ଗ ଅବସ୍ଥାରେ ଥିବା ପାଇଖାନା ପରି ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଅସହାୟଙ୍କୁ କମ୍ବଳ ବଣ୍ଟନ




ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

ଭଦ୍ରକ, ୯।୧ (ସନାତନ ରାଉତ)

ଭଦ୍ରକ ଚରମ୍ପାର ଡଗରାସାହି ଜନତା ସେବାକେନ୍ଦ୍ର ଦ୍ୱାରା କିରଣବାଳା ଦାତବ୍ୟ ପ୍ରତିଷ୍ଠାନ ପକ୍ଷରୁ ୬୫ଜଣ ଅସହାୟ, ଗରିବ ଓ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରତିଷ୍ଠାନର ପରିଚାଳକ ସାମାଜିକ କର୍ମୀ ରାମଚନ୍ଦ୍ର ବେହେରାଙ୍କ ପକ୍ଷରୁ ଏହି ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଓକିଲ ସଂଘ ସଭାପତି ନିରାକାର ଜେନା ଯୋଗଦେଇ ଶୀତରେ ଅସହ୍ୟ କଷ୍ଟ ଯନ୍ତ୍ରଣା ପାଉଥିବା ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ ଏକ ପୁଣ୍ୟ କାମ ବୋଲି କହିବା ସହ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ସେବାକେନ୍ଦ୍ରର ସଭାପତି ବିଶ୍ୱନାଥ ଅଗ୍ରୱାଲ, ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ଧନେଶ୍ୱର ଖୁଣ୍ଟିଆ, ଶଶଧର ମହନ୍ତୀ, କୁଳମଣି ବେହେରା, ରତ୍ନାକର ହାତୀ ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ।

# ଅଭିଯୁକ୍ତ କୋର୍ଟ ଚାଲାଣ

## ପୌର ନିର୍ବାହୀ ଅଧିକାରୀଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ ଘଟଣା

ବଡବିଲ, ୯।୧ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ମଙ୍ଗଳବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ବିଲ ବଜାର ଅଞ୍ଚଳର ଅଭିଷେକ ଗୁପ୍ତା। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ପୌର କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ପଣ୍ଡା ନିଜ ଚାମ୍ବରରେ କାର୍ଯ୍ୟରତ ଥିଲାବେଳେ ଅଭିଯୁକ୍ତ ଅଭିଷେକ ଭିତରେ ପଶିଥିଲେ। ନିର୍ବାହୀ ଅଧିକାରୀଙ୍କଠାରେ କିଛି ଆପତ୍ତି ଅଭିଯୋଗ ରଖିଥିଲାବେଳେ ହଠାତ୍ ବ୍ୟାଗ୍‌ରେ ଲୁଚାଇ ଆଣିଥିବା ଗୋଟିଏ ପେଟ୍ରୋଲ ଭର୍ତ୍ତି ବୋତଲ ବାହାର କରି ତାଙ୍କ ଉପରେ ଢାଳି ଦେଇ ନିଆଁ ଲଗାଇବାକୁ ଲାଇଟର ବାହାର କରିଥିଲେ। ଏହି ସମୟରେ ନିର୍ବାହୀ ଅଧିକାରୀ ନିଜ ଚାମ୍ବରରୁ ବାହାରକୁ ଚାଲି ଆସିଥିଲେ। ପାଟି ଶୁଣି କାର୍ଯ୍ୟାଳୟରେ ଥିବା ପୌର କର୍ମଚାରୀମାନେ ସେଠାକୁ ଧାଇଁ ଆସି ଅଭିଯୁକ୍ତ ଅଭିଷେକଙ୍କୁ କାବୁ କରିନେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ହେପାଜତକୁ ନେଇଥିଲା।

# ୨ ପଞ୍ଚାୟତରେ ୩୨ ପ୍ରକଳ୍ପର ଶିଳାନ୍ୟାସ

ତିହିଡ଼ି, ୯।୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଫତେପୁର ଓ ମଙ୍ଗଳପୁର ପଞ୍ଚାୟତରେ ମୋଟ ୩୨ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଫତେପୁର ପଞ୍ଚାୟତରେ ୧ କୋଟି ୫ଲକ୍ଷ ଟଙ୍କାରେ ୧୪ ପ୍ରକଳ୍ପ ଏବଂ ମଙ୍ଗଳପୁର ପଞ୍ଚାୟତରେ ୧ କୋଟି ୧୭ଲକ୍ଷ ଟଙ୍କାରେ ୧୮ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଫତେପୁର ପଞ୍ଚାୟତରେ ମିଶନ ଶକ୍ତି ଓ ଗୋଷ୍ଠୀ ସକ୍ରିୟ କେନ୍ଦ୍ର, ଗୋଳାପୋଖରୀ ଉନ୍ନୀତ ମଧ୍ୟଇଂରାଜୀ ସ୍କୁଲ ମରାମତି, ସରସ୍ୱତୀଙ୍କ ଭୋଗ ମଣ୍ଡପ ସମେତ ଗୋପାଳପୁର, ଫତେପୁର ଆଦି ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ମଙ୍ଗଳପୁର ପଞ୍ଚାୟତରେ କମାରିଆ, କନାଟିଆ, ମଙ୍ଗଳପୁର, ସନ୍ଥପୁରା ଆଦି ଗ୍ରାମରେ ପାଚେରି, ରାସ୍ତା, ଖେଳପଡ଼ିଆ ସମେତ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରେ ପଣ୍ଡା ପୋଖରୀର ସୌନ୍ଦର୍ଯ୍ୟକରଣ ଏବଂ ବିଧାୟକଙ୍କ ପାଣ୍ଠିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ଶତପଥି, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ସାମାଜିକ କର୍ମୀ ହରିହର ଲେଙ୍କା, ପ୍ରବୀର ନାୟକ, କମଳାକାନ୍ତ ଲେଙ୍କା, ବୈକୁଣ୍ଠ ପାଣି, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦରଖୁଲି ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ବାବୁ ଭାଇଜାନ୍ ଟିମ୍ ଟାଇଟଲ ବିଜୟୀ

ରୂପସା, ୯।୧ (ବାଞ୍ଛାନିଧି ଦେ)



ଚାମ୍ପିୟନ ଟ୍ରଫି ସହ ବାବୁ ଭାଇଜାନ ଟିମ୍‌ର ଖେଳାଳି।

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦରଖୁଲି ପ୍ରିମିୟର ଲିଗ୍ ଟି -୧୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିଳ୍ପପତି ତଥା ସାମାଜିକ କର୍ମୀ ଅବଦୁଲ ଅମିନ ଖାନଙ୍କ ଦ୍ୱାରା ପ୍ରଯୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମୟୂରଭଞ୍ଜର ଜେଏସ ଇଲେଭେନ ଟିମ୍‌କୁ ୨୩ ରନରେ ପରାସ୍ତ କରି ବାଲେଶ୍ୱରର ବାବୁ ଭାଇଜାନ ଟିମ୍ ଚଳିତବର୍ଷ ଚାମ୍ପିୟନ ହୋଇଛି।

ଟସ୍ ଜିଣି ବାବୁ ଭାଇଜାନ ଟିମ ପ୍ରଥମେ ବ୍ୟାଟିଂ କରିଥିଲା। ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୪୮ ରନ ସଂଗ୍ରହ କରିଥିଲା। ବ୍ୟାଟ୍ସମ୍ୟାନ ରାଜା ସିଂ ସର୍ବାଧିକ ୭୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜବାବରେ ଜେଏସ ଇଲେଭେନ ୫ ଉଇକେଟ ହରାଇ ୧୨୫ ରନ କରି ରନର୍ସଅପ ହୋଇଥିଲା। ଅମ୍ପାୟର କୃଷ୍ଣନିଧି ଦେ ଓ ଲାଲବାହାଦୁର ସିଂ ମ୍ୟାଚ ପରିଚାଳନା କରିଥିଲେ। ପ୍ରଦୀପ ସିଂ ଓ ସଦାଶିବ ସାହୁ ସ୍କୋରିଂ ଦାୟିତ୍ୱରେ ଥିଲେ। ତାରାକାନ୍ତ ସିଂ ଓ କ୍ରୀଷ୍ଣଗୋପାଳ ଦାସ ଧାରା ବିବରଣୀ ଶୁଣାଇଥିଲେ। କ୍ଲବ ସଭାପତି ରବିରାମ ସିଂଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ମୁଦାସୀର ଖାନ ଓ ମାନସ ମିଶ୍ର ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୬ ହଜାର ଟଙ୍କା ଓ ରନର୍ସ ଅପ ଟିମ୍‌କୁ ୧୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କର୍ମକର୍ତ୍ତା ବ୍ରଜ ସିଂ, ସଞ୍ଜୁ ସିଂ, ଜିତୁ ସିଂ, ଅଜୁ ସିଂ ଓ ଝଡ଼ିଆ ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ମଦ ବେପାରୀ, ଫେରାର ଅଭିଯୁକ୍ତ ଗିରଫ

କେନ୍ଦୁଝର, ୯।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ପୋଲିସ ଗତ ୪ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭରେ ମଦ ବେପାରୀଙ୍କ ସହ ଫେରାର ଅଭିଯୁକ୍ତଙ୍କୁ ଧରିଛି। ମଦ ବିକ୍ରି ନେଇ ୩ଟି କେସ୍ ରୁଜୁ କରିଛି। ଏହି ଚଢ଼ାଉ ବେଳେ ଧାଙ୍ଗରପଡ଼ାରୁ ବୀଣାପାଣି ପ୍ରଧାନଙ୍କୁ ଗିରଫ କରିବା ସହ ୪୦ଟି ମଦ ପାଉଚ ଜବତ କରାଯାଇଥିଲା। ଆଟୋପୁରରୁ ମହେଶ୍ୱର ବେହେରାଙ୍କୁ ଗିରଫ କରି ତାଙ୍କଠାରୁ ୫ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ଶଙ୍କରପୁର ଗ୍ରାମର ଗୁଣନିଧି ମହାନ୍ତଙ୍କୁ ଗିରଫ କରି ତାଙ୍କଠାରୁ ୨୦ଟି ବିଦେଶୀ ମଦ ବୋତଲ ଜବତ ହୋଇଛି। ଫେରାର ଥିବା ୪ ୱାରେଣ୍ଟିଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଗିରଫ ୱାରେଣ୍ଟିମାନେ ହେଲେ ବ୍ରାହ୍ମଣୀ ଗାଁର ବେଲନ୍ତି ମୁଣ୍ଡା, ଏକ ବିଉଟି ସେଲୁନ ଆଣ୍ଡ ସ୍ପାର କର୍ମଚାରୀ ଦେବୀଦତ୍ତ ଜେନା, ଡିପାସାହିର ମାଧ ନାଏକ ଓ ବଣିଆପାଟର ପଞ୍ଚାନନ ଓଝା।

# ବିଳମ୍ବରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାରୁ ଅସନ୍ତୋଷ



ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଓ ଅନ୍ୟମାନେ।

## ଖାଦ୍ୟ ଆୟୋଗ ସଦସ୍ୟଙ୍କ ଭଦ୍ରକ ଗସ୍ତ

ଭଦ୍ରକ, ୯।୧ (ସନାତନ ରାଉତ)

ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ମଙ୍ଗଳବାର ଭଦ୍ରକ ଜିଲା ଗସ୍ତରେ ଆସି ସଦର ବ୍ଲକ ଓ ବାସୁଦେବପୁର ବ୍ଲକର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଭଦ୍ରକ ବ୍ଲକ ଅଧୀନ ବ୍ରହ୍ମପୁର ପଞ୍ଚାୟତର ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ଚାଉଳ ବଣ୍ଟନ ଚାଲିଥିବା ବେଳେ ସେ ପହଞ୍ଚି ହିତାଧିକାରୀମାନଙ୍କଠାରୁ ମତାମତ ନେଇଥିଲେ। ଖାଉଟିମାନେ ସନ୍ତୋଷ ପ୍ରକାଶ କରିବା ସହ ବଣ୍ଟନ କେନ୍ଦ୍ର ସମ୍ମୁଖରେ ସମସ୍ତ ହିତାଧିକାରୀଙ୍କ ତାଲିକା ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଯେଉଁ ହିତାଧିକାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ନାମ ତାଲିକାରୁ କାଟି ନୂଆ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଭଦ୍ରକ ବ୍ଲକର ସାବରଙ୍ଗ ବଡ଼ଗୋପାଳ ସାହି ଓ ସାନଗୋପାଳସାହି ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ ବେଳେ ଅଙ୍ଗନୱାଡି କେନ୍ଦ୍ର ବିଳମ୍ବରେ ଖୋଲାଯିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ନିଜ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବାକୁ ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଭଦ୍ରକ ବ୍ଲକର ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ମାନ ପରୀକ୍ଷା କରିଥିବା ବେଳେ ବାସୁଦେବପୁର ବ୍ଲକର ପଦ୍ମପୁର ମହାରଣାସାହି ଅଙ୍ଗନୱାଡି କେନ୍ଦ୍ର, ଭରୁଣିଆ, ଅଲବଗା-୧ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ।

